# 'ସଚେତନତା ବଢ଼ିଲେ ମାଦକ ଦ୍ରବ୍ୟ ବ୍ୟବହାର କମିବ'



**ମାଦକଦ୍ରବ୍ୟ ପରିହାର ସଚେତନତା**

ବାଙ୍କୀ, ୧୩।୯ (ନି.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ୍ୟ ଗୃହରେ ମାଦକ ଦ୍ରବ୍ୟ ପରିହାର ପାଇଁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ନେସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ଡିଫେନସ୍, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ଆନୁକୂଲ୍ୟରେ ବାଙ୍କୀ କଲେଜ ମନସ୍ତତ୍ତ୍ୱ ବିଭାଗ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଭର ରେଞ୍ଜର ଏବଂ ଯୁବ ରେଡକ୍ରସ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ +୨ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମ ଦ୍ୱାରା କଲେଜ କ୍ୟାମ୍ପସରେ ମାଦକଦ୍ରବ୍ୟ ବର୍ଜନ ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ହୋଇପାରିବ ବୋଲି କହିଥିଲେ। ଅତିଥି ଭାବେ ପ୍ରଶାସନ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ସମ୍ପାଦକ ତଥା ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡଃ. ମୁରଲୀଧର ରଥ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର କ୍ଲିନିକାଲ୍ ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଯଶୋବନ୍ତ ମହାପାତ୍ର ଯୋଗଦାନ କରି ମାଦକଦ୍ରବ୍ୟ କାହାକୁ କୁହାଯାଏ ଓ ଏହାର ସେବନ ଦ୍ୱାରା କେଉଁସବୁ ରୋଗ ହୋଇଥାଏ ତାହା କମ୍ପ୍ୟୁଟର ମାଧ୍ୟମରେ ବୁଝାଇଥିଲେ। ଅନ୍ୟତମ ବକ୍ତା ଭାବେ ଡାକ୍ତର ସୌମ୍ୟାଶ୍ରୀ ମହାପାତ୍ର, ଡାକ୍ତର ଶାରଦା ପ୍ରସାଦ ସ୍ୱାଇଁ ଓ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦାନ କରି ମାଦକ ଦ୍ରବ୍ୟ ବ୍ୟବହାରକୁ କିପରି ଛାତ୍ରଛାତ୍ରୀମାନଙ୍କ ଠାରୁ ଦୂରେଇ ଯିବ ତାହାର କୌଶଳ ଉପରେ ବହୁ ଉଦାହରଣ ଦେଇ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ ଗୁରୁବାରୀ ସାହୁ, ଡଃ. ଅବନ୍ତିକା କର, ଅଧ୍ୟାପିକା ଅର୍ପିତା ଅପରାଜିତା, ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀ ଓ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, ଅଧ୍ୟାପିକା ଜୟଶ୍ରୀ ଷଡ଼ଙ୍ଗୀ, ସୁରଜିତ ସାହୁ, ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡଃ. ଅଭିମନ୍ୟୁ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ
ବିଶ୍ୱ ହାତ ଧୁଆ ଦିବସ
୧୫ ଅକ୍ଟୋବର .....
Everyone
Hand
• GLOBAL •
HANDWASHING
DAY
ଭାରତ ସ୍କାଉଟ୍ ଓ ଗାଇଡ୍

ସମ୍ବାଦ

ବିଶେଷଜ୍ଞ ନଟବର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରୋଭର୍ ରେଞ୍ଜର୍ ପକ୍ଷରୁ ହସ୍ତ ପ୍ରକ୍ଷାଳନ ସଚେତନତା



ବାଙ୍କୀ, ୧୭।୧୦ (ଇମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର୍ ରେଞ୍ଜର୍ ପକ୍ଷରୁ ହସ୍ତ ପ୍ରକ୍ଷାଳନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଚର୍ଚ୍ଚିକା ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ରୋଭର୍ ଲିଡର୍ ଦେବସ୍ମିତା ରାଉତଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଚେତନତା ଶିବିରରେ କନିଷ୍ଠ ବାଳିକା ଏନ୍‌ସିସି ବିଭାଗ ସେକେଣ୍ଡ ଅଫିସର୍ ଜୟନ୍ତୀ ଗୋଚ୍ଛି, ଗାଇଡ୍ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ମହାପାତ୍ର, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନଙ୍କୁ ସର୍ବଦା ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତି ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ସେହିପରି ବାଙ୍କୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରୋଭର୍ ରେଞ୍ଜର୍ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

CUTTACK Edition


ରୋଭର୍ ଓ ରେଞ୍ଜର୍ ବିଭାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ
ବିଶ୍ୱ ହାତ ଧୁଆ ଦିବସ
୧୫ ଅକ୍ଟୋବର୍ .....
Let's Give Everyone
a (Clean) Hand
•GLOBAL•
HANDWASHING
DAY
ସୌଜନ୍ୟ:- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍


ରୋଭର୍ ଓ ରେଞ୍ଜର୍ ବିଭାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ
ହାତ ଧୁଆ ଦିବସ
୧୫ ଅକ୍ଟୋବର
ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍
vivo T1 · SK
Oct 16, 2023, 15:52



# ବାଙ୍କୀ କଲେଜ ରେଞ୍ଜର ସ୍ୱେଚ୍ଛାସେବୀ ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ପୁରସ୍କୃତ

ବାଙ୍କୀ, ୧୮।୮ (ନି.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଞ୍ଜର ସଂସ୍ଥାର ସ୍ୱେଚ୍ଛାସେବୀମାନେ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଙ୍କୀ କଚେରି ପଡ଼ିଆ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ଉପଖଣ୍ଡ ପ୍ରଶାସନ ତରଫରୁ ପୁରସ୍କୃତ ହୋଇଛନ୍ତି। ଆୟୋଜିତ ଉତ୍ସବରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦାନ କରି ରେଞ୍ଜର ସଂସ୍ଥାକୁ ପୁରସ୍କୃତ କରିଥିଲେ।

# ବାଙ୍କୀ କଲେଜରେ ବିଶ୍ୱ ସ୍କାଉଟ୍ ଓ ଗାଇଡ୍‌ର ଚିନ୍ତନ ଦିବସ

**ବାଙ୍କୀ,୨୨।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ସ୍କାଉଟ୍ ଓ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜ ପରିସରରେ ସ୍କାଉଟ୍ ପତାକା ଉତ୍ତୋଳନ କରାଯାଇଥିଲା। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ମାନସ ରଞ୍ଜନ ମହାପାତ୍ର ଓ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦାନ କରିଥିଲେ। ଆମ ଭାରତରେ ୧୯୧୩ ମସିହା ଠାରୁ ଭାରତ ସ୍କାଉଟିଂ ସଂସ୍ଥା କାର୍ଯ୍ୟ କରିଆସୁଅଛି ବୋଲି ଅଧ୍ୟାପିକା ଦେବସ୍ମିତା ରାଉତ ପ୍ରକାଶ କରିଥିଲେ। ଶେଷରେ ଭୂପତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


THINKING DA
DAY OF SCO
GUIDE
&RANGER UNIT
COLLEGE


ROVERS & RANGERS UNIT
BANKI COLLEGE (AUTO), BANKI
WORKSHOP
SKILL DEVELOPMENT ON HANDICRAFTS
01.12.2022
.12.2022


ROVERS & RANGERS UNIT
BANKI COLLEGE (AUTO), BANKI
WORKSHOP
SKILL DEVELOPMENT ON HANDICRAFTS
From 01.12.2022 to 05.12.2022


STORE ROOM
ROVER CREW
RANGER UNIT
Pioneering Project
TOILET
BANKI COLLEGE (AUTONOMOUS), BANKI
SRI GANESH


ROVER & RANGER UNIT
BANKI COLLEGE (AUTONOMOUS), BANKI
Happy Children's Day
(14th November)
ଶିଶୁ ଦିବସ ର ଶୁଭେଚ୍ଛା
Venue : Adopted School, Durgapur Sabarsahi, Banki


न्याय सब के लिए
ACCESS TO JUSTICE FOR ALL
ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ
ତା ୦୯.୧୧.୨୦୨୨ ରିଖ
ତାଲୁକ ଆଇନ ସେବା କମିଟି
ବାଙ୍କୀ

# ବାଙ୍କୀ କଲେଜରେ ଜାତୀୟ ଆଇନସେବା ପ୍ରାଧିକରଣ ଦିବସ

[illegible]




ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ
ତା ୦୯.୧୧.୨୦୨୨ ରିଖ
ତାଲୁକ ଆଇନ ସେବା କମିଟି
ବାଙ୍କୀ
Nov 09, 2022, 18:07


ER & RANGER UNIT
ING COLLEGE (AUTONOMOUS)
ଜାତୀୟ ଆଇନ ସେବା ପ୍ରାଧିକରଣ ଦିବସ
ତା ୦୯.୧୧.୨୦୨୨ ରିଖ
ତାଲୁକ ଆଇନ ସେବା କମିଟି
ବାଙ୍କୀ
vivo T1 · SK
Nov 09, 2022, 18:07


BANKI COLLEGE
NATIONAL UNITY DAY
OCTOBER 31ST
SALUTING THE IRON MAN & THE
ARCHITECT OF MODERN INDIA
SARDAR VALLABH BHAI PATEL
On his Birth Anniversary
Organised by:
ROVERS & RANGERS UNIT, BANKI AUTONOMOUS COLLEGE, BANKI




ROVER & RANGER UNIT
BANKI COLLEGE (AUTONOMOUS), BANKI, CUTTACK
सतर्कता जागरुकता सप्ताह
VIGILANCE AWARENESS WEEK
(31st October to 6th November, 2022)
CENTRAL VIGILANCE COMMISSION
"भ्रष्टाचार मुक्त भारत -
विकसित भारत"
"Corruption Free India for
a Developed Nation"


ROVER & RANGER UNIT
BANKI COLLEGE (AUTONOMOUS), BANKI, CUTTACK
VIGILANCE
BANKI COLLEGE
(AUTONOMOUS)

# ବାଙ୍କୀ କଲେଜରେ ଆନ୍ତର୍ଜାତିକ ଶାନ୍ତି ଦିବସ

ବାଙ୍କୀ,୨୨।୯(ସମ୍ବାଦ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡକ୍ରସ ଓ ରେଞ୍ଜର୍ସ ଏଣ୍ଡ ରୋଭର୍ସ ଆନୁକୂଲ୍ୟରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ଚକ୍ର ଓ ପୋଷ୍ଟର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରାଯାଇଥିଲା। ଆଲୋଚନା ଚକ୍ରରେ ରେଡକ୍ରସ ଶିବିର ଦ୍ୱାରା ଭୂଗୋଳ ପ୍ରସଙ୍ଗ ଉପସ୍ଥାପିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଡ. ସୁଧାଂଶୁ ଦାଶ, ସମ୍ମାନିତ ଅତିଥି ଭାବେ ଡ. ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ରେଡକ୍ରସ ସ୍ୱେଚ୍ଛାସେବୀମାନେ ପୋଷ୍ଟର ମାଧ୍ୟମରେ ଶାନ୍ତି ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ରେଡକ୍ରସ ଶିବିର ଅଧିକାରୀ ଦେବାଶିଷ ରାଉତ ଧନ୍ୟବାଦ ଦେଇଥିଲେ।


Left
Welcome
Right
ODISHA STATE BHARAT SCOUTS & GUIDES
INTERNATIONAL DAY OF PEACE
21st September
vivo T1
Sep 21, 2022, 08:57


BE CALM, BECOME A MESSEN
Welcome

# ଔଷଧୀୟ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବାଙ୍କୀ: ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ କଲେଜ ପରିସରରେ ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷରୋପଣ କରାଯିବା ସହ ପରିସରକୁ ସଫାସୁତରା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରୁଷ ଓ ମହିଳା ଏନ୍‌ସିସି କ୍ୟାଡେଟ୍ ଓ ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ଯୋଗଦାନ କରି କଲେଜ ପରିସରରେ ବୃକ୍ଷରୋପଣ କରିବା ସହ ପରିଷ୍କାର କରିଥିଲେ । ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବୃକ୍ଷରୋପଣର ଆବଶ୍ୟକତା ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ ବୃକ୍ଷରୋପଣ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରକୁ ପରିଷ୍କାର ରଖିଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି କହିଥିଲେ । ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।


COLLEGE (AUTONOMOUS)
COLLEGE (AUTONOMO
ROVER & RANGER UNIT
REDMI NOTE 10 LITE
SHOT BY MJ
2022/9/17 08:12


ରାଜ୍ୟ ଭାରତ ସ୍କାଉଟ୍ ଓ
ବିପନ୍ନଙ୍କୁ
ରୋଭର୍ ଓ ରେଞ୍ଜର୍
ସ୍ୱୟଂଶାସିତ ମହାବିଦ୍ୟାଳୟ,
vivo T1 · Rcbian_SK
Aug 27, 2022, 09:31


ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍
vivo T1 · Rcbian_SK
Aug 27, 2022, 09:25

# ବନ୍ୟା ବିପନ୍ନଙ୍କୁ ଆନୁଷ୍ଠାନିକ ସହାୟତା

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ରେଞ୍ଜର

ଡମପଡା,୨୨।୮ (ସମିସ)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ବନ୍ୟା ପ୍ରପୀଡିତ ଗ୍ରାମରେ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ଔଷଧ ବଣ୍ଟନ କରାଯାଇଛି। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବିଶ୍ୱମୋହନ ଉପାଧ୍ୟାୟ, ପ୍ରତାପ୍ ପଣ୍ଡା, ଅୟୁଷ ଦାଶ, କୃଷ୍ଣ ମୁରାରୀ ବିଶ୍ୱରଞ୍ଜନ ମହାପାତ୍ର ଡମପଡ଼ା ବ୍ଲକ ବିଲିପଡା, ରଙ୍ଗିପୁର, ପଖଲାଖାଲ ଆଦି ଗ୍ରାମର ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ଔଷଧ ବଣ୍ଟନ କରିଥିଲେ। ୩ ଫୁଟ ପାଣି ଭିତରେ ଚାଲି ଚାଲି ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ବିପନ୍ନଙ୍କୁ ସହାୟତା ଯୋଗାଇଥିଲେ। ଏପରି କାର୍ଯ୍ୟକୁ ବିପନ୍ନ ପରିବାର ପ୍ରଶଂସା କରିଛନ୍ତି।

### ମା'ଚର୍ଚ୍ଚିକା କୃଷି ଉତ୍ପାଦକ କମ୍ପାନୀ

'ଲାଇଭଲିହୁଡ୍ ଅଲଟର୍ ନେଟିଭ୍ ଓ ମା'ଚର୍ଚ୍ଚିକା କୃଷି ଉତ୍ପାଦନ ବାଙ୍କୀ ମିଳିତ ଆନୁକୂଲ୍ୟରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ କେଦାର ପ୍ରଧାନ, ପ୍ରିୟରଞ୍ଜନ ବିଶ୍ୱାଳ, ପ୍ରକଳ୍ପ ମ୍ୟାନେଜର ଆଶିଷ ନାହାକ, ଆସିଷ୍ଟାଣ୍ଟ ମ୍ୟାନେଜର ବିକାଶ ଦାଶ ମା'ଚର୍ଚ୍ଚିକା କୃଷି ଉତ୍ପାଦକ କମ୍ପାନୀର ମୁଖ୍ୟ ନିର୍ଦ୍ଦେଶକ ଅଜୟ କୁମାର ସ୍ୱାଇଁ, ମୁଖ୍ୟ ଅଧିକାରୀ ମଦନମୋହନ ରାଉତଙ୍କ ସମେତ କମ୍ପାନୀର ଡାଇରେକ୍ଟରଙ୍କ ତତ୍ତ୍ୱାବଧାନରେ ୩ଦିନ ଧରି ବାଙ୍କୀର ବିଭିନ୍ନ ପଞ୍ଚାୟତ ଅନୁଆରା, ଗୋଳାପଣ୍ଡ, ବ୍ରହ୍ମପୁରା, ସୁବର୍ଣ୍ଣପୁର, ତାଳବସ୍ତ ଓ କୁହୁଦା ଆଦି ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

### ବାଙ୍କୀ ବିକାଶ ମଞ୍ଚ

ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିବା ବାଙ୍କୀ ଡମପଡ଼ା ବ୍ଲକର ପଠପୁର ପଞ୍ଚାୟତର କଇଁମୁଣ୍ଡି ଗ୍ରାମରେ ବିପନ୍ନଙ୍କୁ ବାଙ୍କୀ ବିକାଶ ମଞ୍ଚ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବିକାଶ ମଞ୍ଚର ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ବେହେରା, ପ୍ରଭାତ କୁମାର ସାହୁ, ନିରୋଜ ସ୍ୱାଇଁ, ରୋହିତ ବେହେରା, ଜଗନ୍ନାଥ ନାୟକ, ସୁଜୀତ ସାହୁ, ଅଜିତ ସୁବୁଦ୍ଧିଙ୍କ ସହ କଇଁମୁଣ୍ଡିର ଗ୍ରାମବାସୀ ସହଯୋଗ କରିଥିଲେ।

### ଅହମଦିଆ ମୁସଲିମ୍ କମିଟି

ଶିମିଳିପୁର ପଞ୍ଚାୟତର ଶୁଆଖିଆ ଗ୍ରାମରେ ଆଜି ନରଗାଙ୍ଗ ଅହମଦିଆ ମୁସଲିମ୍ କମ୍ୟୁନିଟି ତରଫରୁ ବନ୍ୟା ବିପନ୍ନଙ୍କୁ ଚୁଡା, ବିସ୍କୁଟ୍, ଚିନି, ପାଣି ପାଉଚ୍ ବଣ୍ଟନ କରାଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ମିନତୀ ମହାପାତ୍ର ବିପନ୍ନମାନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିବା ବେଳେ ସୁଲେମାନ୍ ଖାନ୍, ମୌଲବି ଆସଫ୍ ଖାନ୍, ଜିଆଉଦ୍ ଖାନ୍, ସଲାଉଦ୍ଦିନ୍ ଖାନ୍, ସମାଜସେବୀ ବିଭୂପ୍ରସାଦ ସାମଲ, ସରପଞ୍ଚ ସୁକାନ୍ତ ବେହେରା, ସମିତିସଭ୍ୟ ପ୍ରତିନିଧି ଇନ୍ଦ୍ରମଣି ନାୟକ, ସନ୍ତୋଷ ସାହୁ ସାମ୍ବାଦିକ ଗୌତମ ମିଶ୍ର ଏଥିରେ ସହଯୋଗ କରିଥିଲେ।

### ବିଜୁ ଛାତ୍ର ଜନତାଦଳ

ବାଙ୍କୀ ଉପଖଣ୍ଡର ମହାନଦୀରେ ପ୍ରବଳ ବନ୍ୟାଜଳ ଫଳରେ ବହୁ ଗ୍ରାମ ଜଳମଗ୍ନ ହୋଇ ଜନସାଧାରଣ ବହୁ ଅସୁବିଧାରେ ଜୀବନ ବିତାଉଛନ୍ତି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଆହ୍ୱାନକ୍ରମେ ବାରଙ୍ଗ ବ୍ଲକ ବିଜୁ ଜନତାଦଳ ତରଫରୁ ଚୁଡା, ଗୁଡ଼, ବିସ୍କୁଟ୍, ସୋରିଷ ତେଲ, ଆଳୁ, ପିଆଜ, ମହମବତୀ, ଦିଆସିଲି ଆଦି ପ୍ୟାକେଟ୍ ବଣ୍ଟନ କରାଯାଇଛି। ଡମପଡ଼ା ବ୍ଲକର ବିଲିପଡା ଏବଂ ବାଙ୍କୀ ବ୍ଲକର ବିଲିତେନ୍ତୁଳିଆ, ସାଁପୁର, ବାଇରେଣୀ, ମଙ୍ଗଳୋରା ପ୍ରଭୃତି ଗାଁରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବ୍ୟକ୍ତିଗତ ସହାୟକ ସର୍ବେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିନାକୀ ରାଉତ, ଝୁଲଣ ରାଉତ, ଅନ୍ତୁ ସେଠୀ, ଚନ୍ଦ୍ରଶେଖର ରାଉତ, ମନୋଜ ପୃଷ୍ଟି, କାଳନ୍ଦୀ ରାଉତ, ସିପୁ ରାଉତ, ପଙ୍କଜ ବାରିକ ସହଯୋଗ କରିଥିଲେ।

### ଜଷ୍ଟ ଫର୍ ୟୁ

ଟିଗିରିଆ, ୨୨।୮ (ସମିସ): ଆଠଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜଷ୍ଟ ଫର ୟୁ ସେବା ସଂଘ ପକ୍ଷରୁ ସୋମବାର ଟିଗିରିଆ ବ୍ଲକର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଚଷାଅାଁରା ଗ୍ରାମରେ ରିଲିଫ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାପତି ସୁଧାଂଶୁ ଶେଖର ସାହୁ ଏବଂ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ରାଜଙ୍କ ନେତୃତ୍ୱରେ ମନୋଜ ମହାପାତ୍ର, ପାୟଲ ବର୍ମା, ପ୍ରତିଷା ମହାପାତ୍ର, ବିଚିତ୍ରା ସାହୁ, ସ୍ମୃତିରଞ୍ଜନ ମହାନ୍ତି, ସସ୍ମିତା ସାହୁ, ସମ୍ବିତ ପ୍ରଧାନ, ଦିନବନ୍ଧୁ ବେହେରା, ସଞ୍ଜୟ ସ୍ୱାଇଁ, ଅକ୍ଷୟ ସାମଲ, ଅମ୍ଳାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ଡମପଡା


ବାଙ୍କୀ ବିକାଶ ମଞ୍ଚ



# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରିଲିଫ

## ବାଙ୍କୀ କଲେଜ ରୋଭର ରେଞ୍ଜର

ବାଙ୍କୀ, ୩୦।୮ (ନି.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ଓ ରେଞ୍ଜର ସଦସ୍ୟ ଗାଁପୁରୁଣାରେ ବନ୍ୟାର ଜଳ ପ୍ରଭାବିତ ଗ୍ରାମମାନଙ୍କର ପିଡ଼ିତମାନଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରିଥିଲେ। କଲେଜ



ଅଧ୍ୟକ୍ଷ ଭୂପତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ରୋଭର, ରେଞ୍ଜର ଦଳ, ଅଧ୍ୟାପକ ଓ କର୍ମଚାରୀ ବିଦ୍ୟାଳୟର ନିକଟସ୍ଥ ପ୍ରଭାବିତ ଗାଁ ପୁରୁଣାବାଟି, ଗୋବିନ୍ଦପୁର, ପଞ୍ଚଗାଁ ଆଦି ଗ୍ରାମର ପିଡ଼ିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ବଣ୍ଟନ କରିଥିଲେ।




ODISHA STATE BHARAT SCOUTS & GUIDES
ROVER & RANGER UNIT
BANKI COLLEGE (AUTONOMOUS)
At/P.O.- Banki, District- Cuttack, State- Odisha, PIN- 754008


ODISHA STATE BHARAT SCOUTS & GUIDES
ROVER & RANGER UNIT
BANKI COLLEGE (AUTONOMOUS)
At/P.O.- Banki, District- Cuttack, State- Odisha, PIN- 754008

# ଆଜାଦୀ କା ଅମୃତ ମହୋତ୍ସବ

# ବିଭିନ୍ନ ସ୍ଥାନରେ 'ହର୍ ଘର୍ ତିରଙ୍ଗା' ପଦଯାତ୍ରା

ମାହାଙ୍ଗା,୧୩।୮(ସମିସ)

ଲଳିତଗିରି ପଞ୍ଚାୟତରେ ଆଜାଦୀ କା ଅମୃତ ମହୋତ୍ସବ ମାହାଙ୍ଗା ବିଜେପି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଜେପି ନେତା ସାରଦା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସମିତିସଭ୍ୟ ଧ୍ରୁବଚରଣ ସାମଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ନିର୍ମଳ ରାଉତ, ଅଶୋକ ବିଶ୍ୱାଳ, ଅନିରୁଦ୍ଧ ପାତ୍ର, କିଶୋର ବରାଳ, ବଟକୃଷ୍ଣ ପାତ୍ର, ମକର ସେଠୀ, ଅଶୋକ ସିଂହ, ଛବି ଜେନା, ଲକ୍ଷ୍ମୀ ଜେନା, ସୁରେନ୍ଦ୍ର ସେଠୀ, ତ୍ରିଲୋଚନ ବେହେରା, ମନୋରଞ୍ଜନ ବେହେରା, ହିମାଂଶୁ ସାହୁ, ରାଜକିଶୋର ପ୍ରଧାନ, ଦୀପକ ସାହୁ, ଲମ୍ବାଧର ସାମଲ, ପ୍ରଦୀପ୍ତ ମହାରଣା, ସୁବାସ ମଲ୍ଲିକ, ଧରଣୀଧର ପରିଡ଼ା, ମହେନ୍ଦ୍ର ସିଂହ ମହୋତ୍ସବର ସ୍ଲୋଗାନ ଦେଇଥିଲେ।

**ଚୌଦ୍ୱାର:** ୧୬ ନମ୍ବର ୱାର୍ଡ଼ରେ ତ୍ରିରଙ୍ଗା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଅଧ୍ୟକ୍ଷ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ନଗର ମହିଳା ବିଜେଡି ସଭାପତି କବିତା ଲେଙ୍କା ପ୍ରମୁଖ ୱାର୍ଡ଼ରେ ଘରକୁ ଘର ଯାଇ ଜାତୀୟ ପତାକା ବଣ୍ଟନ କରିଥିଲେ। ଓଟିଏମ୍ ହାଇସ୍କୁଲରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ମମତା ସାହୁ ଏବଂ ଏନ୍‌ସିସି ଶିକ୍ଷକ ଜିତେନ୍ ରାଉତଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପିଲାମାନେ ଜାତୀୟ ପତାକା ଉପରେ ୭୫ଟି ଦୀପ ପ୍ରଜ୍ୱଳନ ପୂର୍ବକ ଭାରତ ମାନଚିତ୍ରର ପ୍ରଦର୍ଶନ କରିଥିଲେ। ଏକ ସଚେତନତା ରାଲି ଓଟିଏମ୍ କଲୋନୀ ପରିକ୍ରମା କରିଥିଲା।

## ବିଭିନ୍ନ ପଞ୍ଚାୟତରେ ପତାକା ବଣ୍ଟନ

**ତିଗିରିଆ:** ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶନିବାର ତିଗିରିଆ ବ୍ଲକର ନିଜିଗଡ଼, ଗୋଛଡ଼ା, ନୂଆପାଟଣା, ଜେମାଦେଇପୁର, ଝିଙ୍କାଣିମା, ବାଲିପୁଟ, ଗଦାଧରପୁର, ହାଟମାଳ, ବଡନାଉପୁଟ, ପୁରୁଣା ତିଗିରିଆ, ତିଗିରିଆ ନିଜିଗଡ଼, ସୋମପଡ଼ା, ପଞ୍ଚଗାଁ, ଅଟଳକୋଟ, ଲିଲୁଡା ଆଦି ପଞ୍ଚାୟତରେ ଜନସାଧାରଣଙ୍କୁ ସେମାନଙ୍କ ଘରେ ପତାକା ଉଡାଇବା ପାଇଁ ଜାତୀୟ ପତାକା ପ୍ରଦାନ କରାଯାଇଛି। ପଞ୍ଚାୟତରେ କାର୍ଯ୍ୟରତ ସ୍ୱୟଂ ସହାୟିକା ଗୋଷ୍ଠୀ, ଯୁବକ ସଂଘ ପକ୍ଷରୁ ଏହି ପତାକା ବଣ୍ଟନ କରାଯାଇଛି। ବିଭିନ୍ନ ସ୍ଥାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ,


ସାଲେପୁର

ସଭ୍ୟାଙ୍କ ସହ ଏସଏଚଜି ସଦସ୍ୟମାନେ ଉପସ୍ଥିତ ଥିଲେ।

**ସାଲେପୁର:** ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାୟ ୫୦୦ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ ଧ୍ୱନି ଦେଇ ସାଲେପୁର ସହର ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରାରେ ଏନ୍‌ସିସି ଆର୍ମି ୱିଙ୍ଗ୍‌ର ଅଫିସର ଶ୍ରୀକାନ୍ତ ପରିଡ଼ା, ଆକାଶବାହିନୀର ଅଫିସର ଆରତୀ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷକ କମଳାକାନ୍ତ ମୁଦୁଲି, ଚିନ୍ମୟୀ ଦେବୀ, ବନ୍ଦନା ଜେନା, ପ୍ରଭାମୟୀ ଦାଶ, ସରୋଜ କୁମାର ଜେନାସାମନ୍ତ, ସାନନ୍ଦ ଭୋଇ, ବାସନ୍ତୀ ଦାଶ, ବନଶ୍ରୀ ସେଠୀ, ମୌସୁମୀ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ସାହୁ, ସଫିଉଲ ରେହେମାନ, ଅଙ୍ଗାର ନଳି, ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ସାଲେପୁର:** ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଆଜି ସାଲେପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ସାଲେପୁର ମଧୁମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। ସାଲେପୁର ବ୍ଲକ ମିଶନ୍ ଶକ୍ତିର ସଭାନେତ୍ରୀ ତୃପ୍ତିରେଖା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଏବିଡିଓ ସୂର୍ଯ୍ୟକାନ୍ତ ରାଉତ, ବ୍ଲକ ବିଜେଡି କାର୍ଯ୍ୟକାରୀ କମିଟି ସଭାପତି ନାରାୟଣ ପତି, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ସୁନିତା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିରଞ୍ଜନ ପ୍ରଧାନ, ବିରଞ୍ଚିନାରାୟଣ କର, ରାଜେଶ ମହାନ୍ତି, ସୌମ୍ୟରଞ୍ଜନ ମଲ୍ଲ, ଗୁଲଜାର ଅଲ୍ଲୀଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟସଭ୍ୟା, ପଞ୍ଚାୟତର ମିଶନ୍ ଶକ୍ତି ସଭାନେତ୍ରୀ, ସମ୍ପାଦିକାଙ୍କ ସମେତ ବହୁ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

**ଡମପଡା:** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ବାଙ୍କୀ-କଟକ ମୁଖ୍ୟରାସ୍ତା ଦେଇ ବେଦପୁର ପରିକ୍ରମା କରିଥିଲେ। ବିଦ୍ୟାପୀଠ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏନ୍‌ସିସି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ସୁବ୍ରତ କୁମାର ଖଟୁଆ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିବେଦିତା ଜେନା, ଜ୍ୟୋତିର୍ମୟୀ ପଣ୍ଡା, ଦେପାଲି ମହାପାତ୍ର, ଚିତ୍ରଲେଖା ମିଶ୍ର, ପୁନମ୍ କୁମାରୀ ଗୁପ୍ତା, ମିନୁଶ୍ରୀ ମଲ୍ଲିକ, ଆୟୁଷା ଅର୍ପିତା ସାହୁ, ସ୍ୱର୍ଣ୍ଣଲତା ସାହୁ, ଅନୁପମା ସାହୁ, ସନ୍ଧ୍ୟାରାଣୀ ପାତ୍ରୀ, ମୋନାଲିସା ପଣ୍ଡା, ଅଜୟ କୁମାର ଦୀକ୍ଷିତ, ବିଦ୍ୟାଧର ଖଟୁଆ, ମନୋଜ ମହାନ୍ତି, ବିଜୟ କୁମାର ମହାପାତ୍ର, ପ୍ରଭାତ ବସନ୍ତରା ଓ ସୁକାନ୍ତ ନାୟକ କର୍ମଚାରୀ ସାମିଲ୍ ହୋଇଥିଲେ।

**ନରସିଂହପୁର:** ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ନରସିଂହପୁର ମହାବିଦ୍ୟାଳୟର ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ଏକ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏଥିରେ ସମସ୍ତ କ୍ୟାଡେଟମାନେ ଏକତ୍ରିତ ହୋଇ ଦେଶର ସୁରକ୍ଷା ଓ ସ୍ୱାଭିମାନକୁ ବଞ୍ଚାଇ ରଖିବାକୁ ନେଇ ଏକ ଶୋଭାଯାତ୍ରା ମହାବିଦ୍ୟାଳୟଠାରୁ ବାହାରି ଟାଉନ ପରିକ୍ରମା କରିଥିଲେ।

**ଡମପଡା:** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିବା ସହିତ ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯୁକ୍ତ ଦୁଇ ଅଧ୍ୟକ୍ଷ ରାଜକିଶୋର ପାଲ, ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣଦେଓ, ଡ଼ଃ ଶଶିଭୂଷଣ ମହାପାତ୍ର, ଡ଼। ପ୍ରଦୀପଦେବତା, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ, ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ, ଡଃ ବିଶ୍ୱରଞ୍ଜନ ସାହୁ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ବୃନ୍ଦ ରଞ୍ଜନ ମହାରଣା, ଅଧ୍ୟାପିକା ଶିଳ୍ପା ପଟ୍ଟନାୟକ, ପଦ୍ମାରବିନ୍ଦ ମହାନ୍ତି, ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ,ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, କ୍ୟାପଟେନ୍ ଗୁରୁବାରୀ ସାହୁ, ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଅଧ୍ୟାପକ ସୁକାନ୍ତ ମହାପାତ୍ର ଉପସ୍ଥିତ ଥିଲେ।


ଚୌଦ୍ୱାର



ଡମପଡ଼ା


ସାଲେପୁର


ମାହାଙ୍ଗା


HAR GHAR TIRANGA
Azadi Ka


HAR GHAR TIRANGA
Azadi Ka Amrit Mahotsav
BANKI COLLEGE (AUTONOMOUS), BANKI
Shot by AMIT


ROVER & RANGER UNIT
BANKI COLLEGE (AUTONOMOUS), BANKI
ଅଙ୍ଗଦାନ ସଚେତନତା ଅଭିଯାନ
ORGAN & TISSUE DONATION AWARENESS CAMPAIGN
"Save a life afterlife"
ORGAN DONATION
I'm a donor, U ?
BODY DONATE
BODY & ORGAN DONATION SOCIETY OF INDIA (BODI)
Donate Organs & Save Life
I am proud 2b an organ &tissue donor
For Registration, Contact : 9937881137
In Collaboration with : Body & Organ Donation Society of India (BODI), Odisha Branch

# ଶରୀର ଦାନ ଆହ୍ୱାନ ନୁହେଁ : ଆବଶ୍ୟକତା

ସୁଧାଂଶୁ ଶେଖର ଧଡ଼ା

ଭାରତରେ ଜନ୍ମିତ ଏବଂ ପରେ ଶ୍ରୀଲଙ୍କାର ନାଗରିକ ହୋଇଥିବା ବିଶିଷ୍ଟ ନିରୀଶ୍ୱରବାଦୀ ଏବଂ ଉଭିଦ ବିଜ୍ଞାନବିତ ପ୍ରଫେସର ଆବ୍ରାହମ୍ କଭୁର ଚିକିତ୍ସା ବିଜ୍ଞାନର ପ୍ରଗତି ଏବଂ ସମଗ୍ର ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଶରୀରଦାନ ଭଳି ଏକ ମହତ କାର୍ଯ୍ୟକୁ ଜନଆନ୍ଦୋଳନରେ ପରିଣତ କରିଥିଲେ । ଆବ୍ରାହମ୍ କଭୁରଙ୍କର ୧୯୭୮ ସେପ୍ଟେମ୍ବର ୧୮ ତାରିଖରେ କଲମ୍ବୋଠାରେ ମୃତ୍ୟୁ ଘଟିଥିଲା । ଏହା ପୂର୍ବରୁ ପ୍ରଫେସର କଭୁର ମୃତ୍ୟୁ ପରେ ଶରୀରକୁ ଚିକିତ୍ସା ବିଜ୍ଞାନର ପ୍ରଗତି ଉଦ୍ଦେଶ୍ୟରେ ବ୍ୟବହାର କରାଯିବାପାଇଁ ଏକ ଇଚ୍ଛାପତ୍ର ଲେଖିଯାଇଥିଲେ । ସେହି ଅନୁସାରେ ମୃତ୍ୟୁ ପରେ ଚିକିତ୍ସା ବିଜ୍ଞାନର ପ୍ରଗତି ମାଧ୍ୟମରେ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ଏଭଳି ଏକ ଉଇଲକୁ ସମ୍ମାନ ଦେଇ ତାଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ବିଜ୍ଞାନର ପ୍ରଗତି ପାଇଁ ଏକ ଅନୁଷ୍ଠାନକୁ ଦାନ କରାଯାଇଥିଲା । ବ୍ୟବଚ୍ଛେଦ ପରେ ତାଙ୍କ ଶରୀରରୁ କଙ୍କାଳ ବାହାର କରାଯାଇ ଶିକ୍ଷା ଉଦ୍ଦେଶ୍ୟରେ ଏପର୍ଯ୍ୟନ୍ତ ବ୍ୟବହାର କରାଯାଉଛି । ତାଙ୍କର ଏଭଳି ଏକ ଇଚ୍ଛାପତ୍ର ତାଙ୍କର ଅଜସ୍ର ଅନୁଗାମୀମାନଙ୍କୁ ଉତ୍ସାହିତ କରିଥିଲା ।

ରାଷ୍ଟ୍ରୀୟ ପ୍ରଗତିର ଭିତ୍ତିଭୂମି ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରଗତି ଉପରେ ନିର୍ଭର କରେ । ଯେଉଁ ଦେଶର ସ୍ୱାସ୍ଥ୍ୟସେବା ଯେତେ ଉନ୍ନତ ସେ ଦେଶର ଅର୍ଥନୀତି ସେତିକି ଦୃଢ଼ । ମୋଟ ଘରୋଇ ଉତ୍ପାଦନ ନାଗରିକମାନଙ୍କର ସ୍ୱାସ୍ଥ୍ୟ ଉପରେ ନିର୍ଭର କରୁଥିବାରୁ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା କ୍ଷେତ୍ରକୁ ସବୁରାଷ୍ଟ୍ର ପ୍ରାଥମିକତା ଦେଇଥାନ୍ତି । ଭାରତ ସ୍ୱାଧୀନତା ହାସଲ କରିବା ସମୟରେ ଦେଶର ଲୋକଙ୍କର ହାରାହାରି ପରମାୟୁ ୩୨ ବର୍ଷ ଥିଲା । ୧୯୫୧ ମସିହାରେ ଏହା ୩୭.୨ବର୍ଷକୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ହାରାହାରି ପରମାୟୁ ୬୮ ବର୍ଷରୁ ଅଧିକ ହୋଇଗଲାଣି । ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ହାରାହାରି ପରମାୟୁରେ ୩୧ ବର୍ଷ ବଢିବା ଏକ ଉଲ୍ଲେଖନୀୟ ଘଟଣା । ଆଜାଦି କା ଅମୃତ ମହୋତ୍ସବ ଦେଶ ପାଳନ କରୁଥିବା ସମୟରେ ସ୍ୱାସ୍ଥ୍ୟସେବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ।

ସ୍ୱାସ୍ଥ୍ୟସେବାର ପ୍ରଗତି ଚିକିତ୍ସା ବିଜ୍ଞାନର ପ୍ରଗତି ଉପରେ ନିର୍ଭର କରେ । ଚିକିତ୍ସା ବିଜ୍ଞାନର ପ୍ରଗତି ବ୍ୟବଚ୍ଛେଦ ବିଜ୍ଞାନ ଉପରେ ନିର୍ଭର କରେ । ବିଶ୍ୱରେ ଚିକିତ୍ସା ବିଜ୍ଞାନର ପ୍ରଗତି ଆଣ୍ଡ୍ରିଏସ ଭିସାଲିଉସଙ୍କ ଶବ ବ୍ୟବଚ୍ଛେଦ ଠାରୁ ଆରମ୍ଭ । ୧୫୧୪ ଖ୍ରୀଷ୍ଟାବ୍ଦରେ ବେଲଜିୟମରେ ଜନ୍ମଗ୍ରହଣ କରିଥିବା ଶରୀର ତତ୍ତ୍ୱବିତ ଆଣ୍ଡ୍ରିଏସ ଭିସାଲିଉସ ତତ୍କାଳୀନ ସମାଜର ଧାର୍ମିକ ବିଶ୍ୱାସ ବିରୁଦ୍ଧରେ ଯାଇ ଲୁଚିଛପି ଶବ ବ୍ୟବଚ୍ଛେଦ କରୁଥିଲେ । ଏହାର ସୁଫଳକୁ ସେ ତାଙ୍କର ପୁସ୍ତକରେ ଲେଖିଯାଇଥିଲେ । ଏହା ଫଳରେ ମନୁଷ୍ୟ ଶରୀର ସମ୍ପର୍କରେ ଅନେକ ନିର୍ଭୁଲ ତଥ୍ୟ ଲୋକଲୋଚନକୁ ଆସିବା ସହ ଚିକିତ୍ସା ବିଜ୍ଞାନ ସମୃଦ୍ଧ ହୋଇପାରିଥିଲା ।

ଭିସାଲିଉସଙ୍କ ସମୟରେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ ଧର୍ମ ଦୃଷ୍ଟିରୁ ଅପରାଧ ଥିଲା । ମନୁଷ୍ୟର ଶରୀର ଓ ଜୀବନ ଉଭୟ ଈଶ୍ୱରଙ୍କ ଦାନ ଭାବରେ ଧର୍ମ ବିଶ୍ୱାସ ରହିଥିବାରୁ ଶବ ବ୍ୟବଚ୍ଛେଦ ମନୁଷ୍ୟର ଅଧିକାରଭୁକ୍ତ ନଥିଲା । ପଶୁମାନଙ୍କର ଶରୀରକୁ ଦେଖି ମନୁଷ୍ୟ ମାନଙ୍କ ଚିକିତ୍ସା କରାଯାଉଥିଲା । ଆଣ୍ଡ୍ରିଏସ ଲୁଚିଛପି ସମାଧି ଭିତରେ ପୋତାଯାଇଥିବା ଶବକୁ ଖୋଳି ବ୍ୟବଚ୍ଛେଦ କରି ଶରୀର ତତ୍ତ୍ୱ ସମ୍ପର୍କୀତ ଅନେକ ନିର୍ଭୁଲ ତଥ୍ୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରକୁ ଦେଇଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ ଭାବରେ ଅଭିହିତ କରାଯାଇଛି । ପରେ ସେ ଏଭଳି କରୁଥିବା ଧରାପଡି ଧର୍ମ ଦରବାରରେ ଦଣ୍ଡିତ ହୋଇଥିଲେ, ଅଥଚ ତାଙ୍କଦ୍ୱାରା ଚିକିତ୍ସା ବିଜ୍ଞାନର ପ୍ରଗତିର ସୁଫଳ ତାଙ୍କୁ ଦଣ୍ଡ ଦେଇଥିବା ଗୋଷ୍ଠୀ ପରବର୍ତ୍ତୀ ସମୟରେ ପାଇଥିଲେ ।

ବ୍ୟବଚ୍ଛେଦ ବିଜ୍ଞାନର ପ୍ରଗତି ନିମିତ୍ତ ମୃତ ଶରୀରର ଆବଶ୍ୟକତା ଏକ ବଡ଼ ସମସ୍ୟା ଭାବରେ ଦୀର୍ଘ ଶତାବ୍ଦୀ ପର୍ଯ୍ୟନ୍ତ ଲାଗିରହିଥିଲା । ବିଂଶ ଶତାବ୍ଦୀର ଶେଷ ଭାଗ ବେଳକୁ ଚିକିତ୍ସା ବିଜ୍ଞାନର ପ୍ରଗତି ପାଇଁ ମୃତ ଶରୀର ଗୁଡିକୁ ମେଡିକାଲ କଲେଜମାନଙ୍କୁ ଦାନ କରାଯିବାର ଏକ ନୂଆ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସାଧାରଣତଃ ମୃତ୍ୟୁ ପରେ ଶରୀରକୁ ଧାର୍ମିକ ପରମ୍ପରା ମଧ୍ୟରେ ସତ୍କାର କରାଯିବା ବିଶ୍ୱବ୍ୟାପୀ ଦେଖାଯାଏ । ଏହି କାରଣରୁ ମେଡିକାଲ କଲେଜ ଗୁଡିକୁ ବ୍ୟବଚ୍ଛେଦ ଉଦ୍ଦେଶ୍ୟରେ ଶବ ମିଳିବା କଷ୍ଟକର ହୋଇପଡୁଥିଲା । ଭାରତରେ ଜନ୍ମିତ ଏବଂ ପରେ ଶ୍ରୀଲଙ୍କାର ନାଗରିକ ହୋଇଥିବା ବିଶିଷ୍ଟ ନିରୀଶ୍ୱରବାଦୀ ଏବଂ ଉଭିଦ ବିଜ୍ଞାନବିତ ପ୍ରଫେସର ଆବ୍ରାହମ୍ କଭୁର ଚିକିତ୍ସା ବିଜ୍ଞାନର ପ୍ରଗତି ଏବଂ ସମଗ୍ର ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଶରୀରଦାନ ଭଳି ଏକ ମହତ କାର୍ଯ୍ୟକୁ ଜନଆନ୍ଦୋଳନରେ ପରିଣତ କରିଥିଲେ । ଆବ୍ରାହମ କଭୁରଙ୍କର ୧୯୭୮ ସେପ୍ଟେମ୍ବର ୧୮ ତାରିଖରେ କଲମ୍ବୋଠାରେ ମୃତ୍ୟୁ ଘଟିଥିଲା । ଏହା ପୂର୍ବରୁ ପ୍ରଫେସର କଭୁର ମୃତ୍ୟୁ ପରେ ଶରୀରକୁ ଚିକିତ୍ସା ବିଜ୍ଞାନର ପ୍ରଗତି ଉଦ୍ଦେଶ୍ୟରେ ବ୍ୟବହାର କରାଯିବାପାଇଁ ଏକ ଇଚ୍ଛାପତ୍ର ଲେଖିଯାଇଥିଲେ । ସେହି ଅନୁସାରେ ମୃତ୍ୟୁ ପରେ ଚିକିତ୍ସା ବିଜ୍ଞାନର ପ୍ରଗତି ମାଧ୍ୟମରେ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ଏଭଳି ଏକ ଉଇଲକୁ ସମ୍ମାନ ଦେଇ ତାଙ୍କ ମୃତ ଶରୀରକୁ ବ୍ୟବଚ୍ଛେଦ ବିଜ୍ଞାନର ପ୍ରଗତି ପାଇଁ ଏକ ଅନୁଷ୍ଠାନକୁ ଦାନ କରାଯାଇଥିଲା । ବ୍ୟବଚ୍ଛେଦ ପରେ ତାଙ୍କ ଶରୀରରୁ କଙ୍କାଳ ବାହାର କରାଯାଇ ଶିକ୍ଷା ଉଦ୍ଦେଶ୍ୟରେ ଏପର୍ଯ୍ୟନ୍ତ ବ୍ୟବହାର କରାଯାଉଛି । ତାଙ୍କର ଏଭଳି ଏକ ଇଚ୍ଛାପତ୍ର ତାଙ୍କର ଅଜସ୍ର ଅନୁଗାମୀମାନଙ୍କୁ ଉତ୍ସାହିତ କରିଥିଲା । ତାଙ୍କ ମୃତ୍ୟୁ ପୂର୍ବରୁ ୧୯୭୪ମସିହାରେ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ପ୍ରଫେସର କଭୁର ପତ୍ନୀଙ୍କ ଶବକୁ ଚିକିତ୍ସା ବିଜ୍ଞାନର ପ୍ରଗତି ଉଦ୍ଦେଶ୍ୟରେ ଏକ ମେଡିକାଲ କଲେଜକୁ ହସ୍ତାନ୍ତର କରିଥିଲେ । କଭୁର ଜୀବିତ ଥିବାବେଳେ ମୃତ୍ୟୁ ପରେ ଶରୀର ଦାନକୁ ଏକ ଆନ୍ଦୋଳନ ଭାବରେ ଆରମ୍ଭ କରିଥିଲେ । ଏହା ଫଳରେ ମୃତ ଶରୀରରୁ ରୋପଣଯୋଗ୍ୟ ଅଙ୍ଗ ବାହାର କରି ନିଆଯାଇ ଜୀବିତ ବ୍ୟକ୍ତିମାନଙ୍କ ଜୀବନକୁ ସରସ ସୁନ୍ଦର ମଧ୍ୟ କରାଯାଇ ପାରିଛି । ତାଙ୍କର ଏହି ଆଦର୍ଶକୁ ବ୍ୟକ୍ତିଗତ ଭାବରେ ଅଗଣିତ ଅନୁଗାମୀ ଏବଂ ସଂସ୍ଥାଗତ ଭାବରେ ଅନେକ ହେତୁବାଦୀ-ମାନବବାଦୀ ସଂଗଠନ ଗ୍ରହଣ କରିନେଇଛନ୍ତି । ମୃତ୍ୟୁ ପରେ ଚିକିତ୍ସା ବିଜ୍ଞାନର ପ୍ରଗତି ଏବଂ ବିଶ୍ୱବ୍ୟାପୀ ମାନବ କଲ୍ୟାଣ ଉଦ୍ଦେଶ୍ୟରେ



ବିଭିନ୍ନ ମେଡିକାଲ କଲେଜର ବ୍ୟବଚ୍ଛେଦ ବିଭାଗକୁ ହସ୍ତାନ୍ତର ପାଇଁ ଇଚ୍ଛାପତ୍ର ମାନ ଲେଖିବା ଆନ୍ଦୋଳନରେ ଯୋଗଦେଇଛନ୍ତି । ତାଙ୍କ ପୂର୍ବରୁ ବ୍ୟକ୍ତିଗତ ଭାବେ ଚିକିତ୍ସା ବିଜ୍ଞାନର ପ୍ରଗତି ଉଦ୍ଦେଶ୍ୟରେ ମେଡିକାଲ କଲେଜକୁ ମୃତ୍ୟୁ ପରେ ଶରୀରକୁ ହସ୍ତାନ୍ତର କରିବାପାଇଁ ଇଚ୍ଛାପତ୍ର ଲେଖିଥିବା ଏବଂ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ଘଟଣା ଘଟିଛି । ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟର ଜଣେ ପ୍ରଫେସର ଜେ.ବି.ଏସ. ହାଲଡନଙ୍କ ଶରୀର ୧୯୬୪ମସିହାରେ ମୃତ୍ୟୁ ପରେ ଏକ ମେଡିକାଲ କଲେଜର ବ୍ୟବଚ୍ଛେଦ ବିଜ୍ଞାନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଆଜିର ସମୟରେ ଚିକିତ୍ସା ବିଜ୍ଞାନର ପ୍ରଗତି ଏବଂ ମାନବବାଦୀ ଆନ୍ଦୋଳନ ଭାବରେ ଆବ୍ରାହମ୍ କଭୁରଙ୍କ ମୃତ୍ୟୁ ଦିବସ ସେପ୍ଟେମ୍ବର ୧୮ ତାରିଖକୁ ଶରୀର ଦାନ ଦିବସ ଭାବରେ ପାଳନ କରାଯାଉଛି । ଏହି ମହାନ ମାନବବାଦୀ ଏବଂ ହେତୁବାଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସାମାଜିକ ଆନ୍ଦୋଳନ ଆଜି ଅଙ୍ଗଦାନ ଆନ୍ଦୋଳନକୁ ମଧ୍ୟ ବଳିଷ୍ଠ କରିଛି । ତାଙ୍କର ତିରୋଧାନ ଦିବସରେ ଆମେ ଏ ଦୁଇ ଆନ୍ଦୋଳନରେ ଯୋଗଦେଇ ସମଗ୍ର ମାନବ ଜାତିର କଲ୍ୟାଣରେ ସହଯୋଗ କରିବା । ଏଭଳି ଏକ ଜନ ଆନ୍ଦୋଳନ ଫଳରେ ୨୦୫୦ ମସିହା ସୁଦ୍ଧା ଆମ ଦେଶରେ ଲୋକଙ୍କର ହାରାହାରି ପରମାୟୁ ୮୦ବର୍ଷ ହୋଇପାରିବ ।

ଜାଗମରା , ଖଣ୍ଡଗିରି, ଭୁବନେଶ୍ୱର
ମୋ- ୯୩୩୭୦୧୫୮୮୨

# ‘ଅଙ୍ଗଦାନ ପାଇଁ ଅଧିକ ସଚେତନତା ଜରୁରୀ’

**ବାଙ୍କୀ କଲେଜରେ ବିଶ୍ୱ ଅଙ୍ଗଦାନ ଦିବସ**

ବାଙ୍କୀ, ୧୩।୮ (ନି.ପ୍ର.) : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ବିଶ୍ୱ ଅଙ୍ଗଦାନ ଦିବସ କଲେଜ ସଭା ଗୃହଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ ଭାରତ ଶରୀର ଓ ଅଙ୍ଗଦାନ ସମିତିର ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ କହିଲେ ମଣିଷର ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବେ କାର୍ଯ୍ୟକଲେ ସେ ଆତ୍ମ ନିର୍ଭରଶୀଳ ହୋଇ ପାରିବ। ତେଣୁ ଆଜି ଏହି ଦିବସରେ ଅଙ୍ଗଦାନ ପାଇଁ ଜନସଚେତନତା ସୃଷ୍ଟି କରିବା ପ୍ରତ୍ୟେକ ନାଗରିକ, ବିଶେଷକରି ଛାତ୍ରଛାତ୍ରୀମାନଙ୍କ କର୍ତ୍ତବ୍ୟ ରହିଛି ବୋଲି ଡ. ଆଚାର୍ଯ୍ୟ ପ୍ରକାଶ କରିଥିଲେ। ଓଡ଼ିଶାରେ ୧୦ବର୍ଷ ହେଲା ଅଙ୍ଗଦାନ ପ୍ରକ୍ରିୟା ‘ସମାଜ’ ଓ ‘ଲୋକସେବକ ମଣ୍ଡଳ’ ଦ୍ୱାରା କରାଯାଉଛି। ଆଜି ପର୍ଯ୍ୟନ୍ତ ଓଡ଼ିଶାର ୪୫ ହଜାର ବ୍ୟକ୍ତି ଅଙ୍ଗଦାନ ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି। ଅଙ୍ଗଦାନ ପ୍ରକ୍ରିୟାରେ ବାଙ୍କୀର ଅବଦାନ ଅତୁଳନୀୟ ବୋଲି ଡ. ଆଚାର୍ଯ୍ୟ ପ୍ରକାଶ କରିଥିଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ମାତ୍ର ୫ଜଣ ବ୍ୟକ୍ତି ଅଙ୍ଗଦାନ କରିଛନ୍ତି ଓ ସେଥିପାଇଁ ସଚେତନତା ଜରୁରୀ ବୋଲି ଡ. ଆଚାର୍ଯ୍ୟ କହିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରାମଚନ୍ଦ୍ର ରାଉତ ଯୋଗଦାନ କରି ମଣିଷର ବିଭିନ୍ନ ଅଙ୍ଗ ଦ୍ୱାରା କଥା କହିବା, କାମ କରିବା, ଚାଲିବା ଆଦି ନିୟନ୍ତ୍ରିତ ହୋଇଥାଏ ଓ ସେଥି ପାଇଁ ଠିକ୍ ଭାବେ ଅଙ୍ଗ ରହିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ପ୍ରେସ କ୍ଲବର ସଭାପତି ବଳଭଦ୍ର ପଣ୍ଡା ଓ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଅଙ୍ଗଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ନିରଞ୍ଜନ ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ଡ. ବିଶ୍ୱରଞ୍ଜନ ସାହୁ, ଅଧ୍ୟାପକ ପ୍ରଦୀପ ରାଉତ, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ଓ ଅଧ୍ୟାପକ ଅଦ୍ୱୈତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜି ଦୁଇଜଣ ଶରୀର ଦାନ କରିବା ପାଇଁ ଚୁକ୍ତି କରିଥିବାବେଳେ ୫୦ଜଣ ଅଙ୍ଗଦାନ ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ROVER & RANGER UNIT
BANKI COLLEGE (AUTONOMOUS), BANKI
ବିଶ୍ୱ ଅଙ୍ଗଦାନ ଦିବସ
WORLD ORGAN DONATION DAY
13th August


LIVE WORKSHOP ON DROWNING, WATER
SAFETY MEASURES AND SAFE RESCUE SKILLS
WORLD DROWNING PREVENTION DAY
25th July 2022
Under The Technical Guidance Of
ODISHA DISASTER RAPID ACTION FORCE (ODRAF), OSDMA
Organised By
RUSA 2.0


LIVE WORKSHOP ON DROWNING, WATER
SAFETY MEASURES AND SAFE RESCUE SKILLS
WORLD DROWNING PREVENTION DAY
25th July 2022
Under The Technical Guidance Of
Organised By
RUSA 2.0

# ରଥଯାତ୍ରା ସେବା ଶିବିରରେ ସ୍ୱେଚ୍ଛାସେବୀଙ୍କ ଯୋଗଦାନ

**ଡମପଡା,୪।୭(ସମିସ)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ସ୍ୱେଚ୍ଛାସେବୀ ଆଶିଷ କୁମାର ମହାପାତ୍ର, ସୁରେଶଚନ୍ଦ୍ର ପାତ୍ର, ବାଦଲ କୁମାର ସାହୁ, ରୁଦ୍ରମାଧବ ବେହେରା, କୃଷ୍ଣମୁରାରୀ ମହାପାତ୍ର, ଅଙ୍କିତ ଅଂଶୁମାନ ଜେନା, ସନ୍ଦୀପ ପଣ୍ଡା, ଆଶିଷ ଦାସ, ଆଶିଷ ବେହେରା ଓ ଅମିତ୍ କୁମାର ଛୋଟରାୟ ପ୍ରମୁଖ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ସେବା ଶିବିରରେ ଯୋଗଦାନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟକୁ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଓ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ପ୍ରଶଂସା କରିଛନ୍ତି।




MEDICAL COLLEGE
TAL, PURI
ଜିଲ୍ଲା ମୁଖ୍ୟ ସଦର ମହକୁମା ଚିକିତ୍ସାଳୟ, ପୁରୀ
DISTRICT HEADQUARTER HOSPITAL,PURI
Shot by


NATIONAL
FESTIVAL SERVICE CAMP, PURI
STATE BHARAT SCOUTS


Shot on OnePlus

# ବାଙ୍କୀ କଲେଜ ସ୍ୱେଚ୍ଛାସେବୀ ପଥପ୍ରାନ୍ତ ନାଟକରେ ପ୍ରଥମ

ଡମପଡ଼ା,୭ ।୬(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା 'ଗ୍ରୀନ୍ ଓଡ଼ିଶା' ଶିବିରରେ ଯୋଗଦାନ କରି ସଫଳତା ଲାଭ କରିଛନ୍ତି। ବିଶେଷ କରି ପଥପ୍ରାନ୍ତ ନାଟକରେ ବିଶ୍ୱମୋହନ ଉପାଧ୍ୟାୟ, ଆଶିଷ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ପାତ୍ର, ରାଜେଶ କୁମାର ଦାଶ, ସୁଲଗ୍ନା ସାମନ୍ତରାୟ, କାଜଲ୍ ବସ୍ତି, ପ୍ରିୟମ୍ବଦା ସାହୁ, କୃଷ୍ଣ ମୁରାରୀ ମହାପାତ୍ର ଓ ତପସ୍ୱିନୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ରାଜ୍ୟସ୍ତରୀୟ ପ୍ରଥମ ପୁରସ୍କାର ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କର ସଫଳତା ପାଇଁ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।




SAVE TREE
SAVE LIFE




POCO


THE ODISHA STATE BHARAT SCOUTS AND GUIDES
BHUBANESWAR
GREEN ODISHA
GREEN ODISHA

# ‘ମୋ ଅଧିକାର ଓ ମୋ ନେତୃତ୍ୱ’ ଶୀର୍ଷକ ଆଲୋଚନାଚକ୍ର




ଡମପଡ଼ା,୨୩।୪(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ମହିଳାମାନଙ୍କର ବିଭିନ୍ନ ଅଧିକାର ସମ୍ପର୍କରେ ଏକ ଆଲୋଚନାଚକ୍ର ‘ମୋ ଅଧିକାର ଓ ମୋ ନେତୃତ୍ୱ’ ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ମହିଳାମାନଙ୍କର ଅଧିକାର ଓ ନେତୃତ୍ୱ ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସଭା ପ୍ରାରମ୍ଭରେ ଭୂପତି ଭୂଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ବ୍ଲକର ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ରୂପାଲି ମିତ୍ର, ମୁଖ୍ୟବକ୍ତାଭାବେ ମହିଳା ଓ ଶିଶୁ ବିକାଶ ବାଙ୍କୀର ପରିଦର୍ଶିକା ବବିତା ବେହେରା, ସମ୍ମାନିତ ଅତିଥି ଭାବେ ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଗୋଚ୍ଛୀ, ଶିକ୍ଷୟିତ୍ରୀ ସୁଚରିତା ପାଢ଼ୀ ଓ ନିର୍ମଳା ନନ୍ଦ ଯୋଗ ଦେଇଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଯୋଗଦାନ କରି ‘ମୋ ଅଧିକାର ଓ ମୋ ନେତୃତ୍ୱ’ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରେଞ୍ଜର ସୁଲଗ୍ନା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ROVER & RANGER UNIT
BANKI COLLEGE (AUTONOMOUS), BANKI
MY RIGHTS & ME AS A LEADER
Venue : Govt. Girls High School, Banki
Date : 22.04.2022
Time : 08.30 a.m
Courtesy : ODISHA STATE BHARAT SCOUTS & GUIDES


ROVER & RANGER UNIT
BANKI COLLEGE (AUTONOMOUS), BANKI
MY RIGHTS & ME AS A LEADER
(A Seminar exclusively for Women on their Rights & Empowerment)
Venue : Govt. Girls High School, Banki
22.04.2022
Time : 08.30 a.m.
ODISHA STATE BHARAT SCOUTS & GUIDES



ROVER & RANGER UNIT
BANKI COLLEGE (AUTONOMOUS), BANKI
MY RIGHTS & ME AS A LEADER
(A Seminar exclusively for Women on their Rights & Empowerment)
Venue : Govt. Girls High School, Banki
Date : 22.04.2022
Time : 08.30 a.m.
Courtesy : ODISHA STATE BHARAT SCOUTS & GUIDES

# ରୋଭର ଓ ରେଞ୍ଜର ବିଭାଗ

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ



# ଜଳ ସେବା ଶିବିର



ସୌଜନ୍ୟ : ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍


ଓ ରେଞ୍ଜର ବିଭାଗ
ମହାବିଦ୍ୟାଳୟ, ବାଙ୍କୀ
ସେବା
ରାଜ୍ୟ ଭାରତ ସ୍କାଉଟ୍ ଓ
ରୋଭର ଓ ରେଞ୍ଜର
ବିଭାଗ

odishastatebsg

# ସ୍କାଉଟସ୍ ଗାଇଡସ୍ ପକ୍ଷରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର, ୧୦।୦୪ (ନିପ୍ର) : ରାଜ୍ୟ ସଭାପତି ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଛି। ଖରା ଓ ଗରମ ତାତରୁ ଭକ୍ତମାନଙ୍କୁ ରକ୍ଷା ପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟ ବଂଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ


ODISHA STATE
BHARAT SCOUTS & GUIDES




ODISHA STATE
AT SCOUTS & GUIDES
MY RIGHTS AND ME AS A LEADER"
2022/04/10 13:00


World Disability Day
Organised By : E/2 SW COY NCC (ARMY)
1(O) GIRLS BN, BHUBANSWAR


CULTURAL COMPETITION
BANKI AUTONOMOUS COLLEGE, BANKI
Odia & English Debate, Odia & English Essay,
Odia & English Poetry Recitation, Odia & English Story Telling
GPS Map Camera
Banki, Odisha, India
Banki College squire Banki College Squire, 9GGF+FC4, Banki, Odisha 754008, India
Lat 20.376274°
Long 85.523726°
13/12/23 02:14 PM GMT +05:30
Google


CULTURAL COMPETITION
BANKI AUTONOMOUS COLLEGE, BANKI
GPS Map Camera
Banki, Odisha, India
9GGF+3HP, Banki, Odisha 754008, India
Lat 20.374788°
Long 85.523726°
19/12/23 02:43 PM GMT +05:30
Google








INTERNATIONAL
HUMAN
SOLIDARITY
DAY
ORGD BY :
C/2 SW COY, 1 (O) GIRLS Bn BHUBANESWAR
BANKI COLLEGE (AUTONOMOUS) BANKI


BANKI COLLEGE (AUTONOMOUS)
NCC
BANKI, CUTTACK
C/2 SW COY, NCC ARMY
(O)GIRLS Bn NCC BHUBANESWAR
VIJAY
DIWAS
16 December 1971
जय हिन्द
Organized by :
3/3) SENIOR DIVISION COY. 6 (O) BN NCC, PURI
SW COY, 1(O) GIRLS BN NCC, BHUBANESWAR
BANKI COLLEGE (AUTO.), BANKI
BANKI COLLEGE (AUTONOMOUS), BANKI
NCC ARMY WING
ODISHA BN NCC PURI
SENIOR DIVISION COY

ସମ୍ବାଦ

# ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମାନବଶୃଙ୍ଖଳ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ



ବାଙ୍କୀ, ୮।୧୨ (ଇମିସ): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବାଙ୍କୀ ଉପଖଣ୍ଡ କିତ୍ସାଳୟ ପରିସରରେ ମାନବଶୃଙ୍ଖଳ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି ମହିଳା ବିଭାଗ ଅଧିକାରୀ କ୍ୟାପ୍‌ଟେନ୍ ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତିଙ୍କ ନେତୃତ୍ୱରେ ୫୦ରୁ ଅଧିକ ଛାତ୍ରଛାତ୍ରୀ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଚିକିତ୍ସାଳୟର ବିଭିନ୍ନ ସ୍ଥାନକୁ ଆବର୍ଜନାମୁକ୍ତ କରିଥିଲେ। ଏହି ଅବସରରେ ଚିକିତ୍ସାଳୟର ପରିଚାଳକ ଶଶିକାନ୍ତ ମିଶ୍ର ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ସମ୍ପର୍କିତ ଶପଥ ପାଠ କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାନବଶୃଙ୍ଖଳ କରାଯାଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଉପାଧ୍ୟକ୍ଷ ମନୋଜ ମହାପାତ୍ର, ନିଶିକାନ୍ତ ରାଉତରାୟ, ରାଜଶ୍ରୀ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


BANKI COLLEGE
DISTRICT LEVEL STUDY-CUM- TRAINING CAMP
Banki College (Auto), Banki
Date : 09.02.2023 to 11.02.2023


SARASWATI XEROX & ONLINE SOLUTIONS
INTERNET

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ତାରିଖ- ୨୬.୦୯.୨୦୨୩ (ମଙ୍ଗଳବାର)

ଆୟୋଜକ - ଯୁବ ରେଡକ୍ରସ୍

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ**

Youth Red Cross

# Indian Red Cross Society

## ODISHA STATE BRANCH

## YOUTH RED CROSS

Youth Red Cross

# OBSERVANCE OF WORLD FIRST AID DAY 2023

**Theme- : "First Aid in the Digital world"**

**BANKI AUTONOMOUS COLLEGE, BANKI**

**DATE : 09.09.2023 / TIME : 12.30 AM**

# ବାଙ୍କୀ କଲେଜରେ ସ୍ୱାଧୀନତା ଦିବସ ପ୍ରସ୍ତୁତି

ଡମପଡ଼ା,୫।୮(ଆପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ୭୭ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଲେଜ ଉପାଧ୍ୟକ୍ଷ ପ୍ରଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଉକ୍ତ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍.ସି.ସି ପୁରୁଷ ବିଭାଗ, ଏନ୍.ସି.ସି ମହିଳା ବିଭାଗ, ରୋଭର ରେଞ୍ଜର ସ୍ୱେଚ୍ଛାସେବୀ, ରେଡକ୍ରସ୍ ସ୍ୱେଚ୍ଛାସେବୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଭାଗ ନେବେ। ଏହି ବୈଠକରେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ନାରାୟଣ ଦେଓ , ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଏନ୍.ସି.ସି ପୁରୁଷ ବିଭାଗ ଅଧିକାରୀ କ୍ୟାପଟେନ୍ ସୁବ୍ରତ ସାହୁ, ରେଡକ୍ରସ୍ କାଉନସିଲର ଅଧ୍ୟାପିକା ସରସ୍ୱତୀ ବେହେରା ଓ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, +୨ ଏନ୍.ସି.ସି ଅଧିକାରୀ ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ରବିନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ବାଙ୍କୀ କଲେଜ ଯୁବ ରେଡକ୍ରସର ବନ ମହୋତ୍ସବ

ବାଙ୍କୀ,୧୪।୭ (ନି.ପ୍ର.)-ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ କଲେଜ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଶୁଭାରମ୍ଭ କରି ଚାରାରୋପଣ କରିଥିଲେ । ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ସରସ୍ୱତୀ ଦେହୁରୀ, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଚାରା ରୋପଣ କରିଥିଲେ ।


ସ୍ୱାସ୍ଥ୍ୟ ସେବା ବନ୍ଧୁତ୍ୱ
ଭାରତୀୟ ରେଡ଼କ୍ରସ୍ ସମାଜ
ଓଡ଼ିଶା ରାଜ୍ୟ ଶାଖା
୨ୟ ଜିଲ୍ଲା ସ୍ତରୀୟ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ଅଧ୍ୟୟନ ତାଲିମ ଶିବିର
ଆୟୋଜକ : ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ
(ଓଡ଼ିଶା)
ରେଡ଼କ୍ରସ୍, ଓଡ଼ିଶା ଦ୍ୱାରା
ପର୍ଯ୍ୟନ୍ତ


ସ୍ୱାସ୍ଥ୍ୟ
ସେବା
ବନ୍ଧୁତ୍ୱ
ରେଡ଼କ୍ରସ୍ ସମାଜ
ଯୁବ ରେଡ଼କ୍ରସ୍, ଓଡ଼ିଶା


ସ୍ୱାସ୍ଥ୍ୟ ସେବା ବନ୍ଧୁତ୍ୱ
ଭାରତୀୟ ରେଡ଼କ୍ରସ୍ ସମାଜ
ଓଡ଼ିଶା ରାଜ୍ୟ ଶାଖା
realme Shot by SHORT BY PRIYANKA
2023/02/10 16:57


BANKI COLLEGE
DISTRICT LEVEL STUDY-CUM- TRAINING CAMP
Banki College (Auto), Banki
Date : 09.02.2023 to 11.02.2023




HDFC BANK
PARIVARTAN
A step towards progress
A little act
of kindness
can go
a long way
PARIVARTAN
BLOOD
DONATION
DRIVE
In association with:
HDFC Bank Ltd.
BANKI BRANCH
Come and donate your
blood on
Main Road, Banki, Cuttack, Odisha - 754008


HDFC BANK
PARIVARTAN
A step towards progress
A little act of kindness can go a long way
BLOOD DONATION DRIVE
In association with:
HDFC Bank Ltd.
BANKI BRANCH
Main Road, Banki, Cuttack, Odisha


ସ୍ୱାସ୍ଥ୍ୟ
ସେବା
ବନ୍ଧୁତ୍ୱ
ରେଡ଼କ୍ରସ୍ ସମାଜ
ରାଜ୍ୟ ଶାଖା
ସ୍ୱେଚ୍ଛାସେବୀ ଅଧ୍ୟୟନ
ଶିବିର
ମହାବିଦ୍ୟାଳୟ
କଟକ (ଓଡ଼ିଶା)
ଆୟୋଜକ :
ରେଡ଼କ୍ରସ୍ ଓଡ଼ିଶା ଦ୍ୱାରା
ପର୍ଯ୍ୟନ୍ତ


YRC



ସ୍ୱେଚ୍ଛାକୃତ ରକ୍ତଦାନ ଶିବିର
ତାରିଖ- ୨୬.୦୯.୨୦୨୩ (ମଙ୍ଗଳବାର)
ଆୟୋଜକ - ଯୁବ ରେଡକ୍ରସ୍
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ, କଟକ


SARASWATI XEROX & ONLINE SOLUTIONS
INTERNET


Everything we do comes#-from the heart
OBSERVANCE OF
RLD RED CROSS DAY




NACO
OSACS
EQUALIZE
COLLEGE (AUT
Let's Find a Way To Take AIDS Away
WORLD AIDS DAY
KNOW AIDS STOP AIDS
OPEN YOUR EYES BEFORE AIDS CLOSES IT
Let's Find a Way To Take AIDS Away
KNOW AIDS STOP AIDS


Banki College (Autonomous)
Higher Education Department
ODISHA
IS PROUD TO HOST
Hockey World Cup
2023
LET'S CELEBRATE THE "SPIRIT OF ODISHA"
FIRST AID
YOUTH REDCROSS


BBS
NATIONAL ADVENTURE CAMP
Organised by
State Youth Welfare Board, Odisha
Supported by
NSS Unit & Rovers & Rangers Unit
BANKI (AUTO.) COLLEGE, BANKI